# ଫର୍ମ ନଂ. ୯୭

*(ନିୟମ 159 ଓ 160 ଦେଖନ୍ତୁ)*

**ସ୍ଥାୟୀ ଆକାଉଣ୍ଟ ନମ୍ବର ନ ଥିବା ଏବଂ ନିୟମ 15୯ରେ ବିନିର୍ଦ୍ଦିଷ୍ଟ ଯେକୌଣସି ଟ୍ରାଞ୍ଜାକ୍ସନରେ ପ୍ରବେଶ କରୁଥିବା ଯେକୌଣସି ବ୍ୟକ୍ତି (କମ୍ପାନୀ କିମ୍ବା ବ୍ୟାବସାୟିକ ସଂସ୍ଥା ବ୍ୟତୀତ ଅନ୍ୟାନ୍ୟ) ଅଥବା ନିୟମ 15୯ର ଉପନିୟମ (2) ପରିସରଭୁକ୍ତ ବୈଦେଶିକ କମ୍ପାନୀ ଦ୍ୱାରା ଦାଖଲ କରାଯିବା ପାଇଁ ଘୋଷଣା ପତ୍ର** *(ଟିପ୍ପଣୀ 1 ଦେଖନ୍ତୁ)*

| **ଭାଗ-କ: ଟ୍ରାଞ୍ଜାକ୍ସନର ପ୍ରକାର** | | |
|---|---|---|
| **1.** | ଟ୍ରାଞ୍ଜାକ୍ସନର ପ୍ରକାର | *(ଟିପ୍ପଣୀ 2 ଓ 3 ଦେଖନ୍ତୁ)* |

**ଭାଗ-ଖ: ଘୋଷଣା**

ମୁଁ ଘୋଷଣା କରୁଛି ଯେ ମୋର/ଆବେଦକଙ୍କର ସ୍ଥାୟୀ ଆକାଉଣ୍ଟ ନମ୍ବର (ପ୍ୟାନ୍) ନାହିଁ । ଅଧିକନ୍ତୁ, ମୁଁ ଏହା ମଧ୍ୟ ଘୋଷଣା କରୁଛି ଯେ, -

(i) ମୋର ସ୍ଥିତି ହେଉଛି ବ୍ୟକ୍ତିବିଶେଷ/ହିନ୍ଦୁ ଅବିଭାଜିତ ପରିବାର/ବ୍ୟକ୍ତିମାନଙ୍କର ସଂଘ/ବ୍ୟକ୍ତିବିଶେଷଙ୍କ ନିକାୟ/କୃତ୍ରିମ ଆଇନଗତ ବ୍ୟକ୍ତି/ସରକାର/ନ୍ୟାସ/ସ୍ଥାନୀୟ ପ୍ରାଧିକରଣ/ବୈଦେଶିକ କମ୍ପାନୀ *(ଦୟାକରି ଉପଯୁକ୍ତ ସ୍ଥିତି ଚୟନ କରନ୍ତୁ)*, ଏବଂ

(ii) ଉପରୋକ୍ତ ଟ୍ରାଞ୍ଜାକ୍ସନ ଯେଉଁ ଆର୍ଥିକ ବର୍ଷରେ ସଂଘଟିତ ହୋଇଛି ସେହି ଆର୍ଥିକ ବର୍ଷରେ ଆୟକର ଅଧିନିୟମ, 2025 (2025ର 30)ର ବ୍ୟବସ୍ଥା ଅନୁସାରେ ଗଣନା କରାଯାଇଥିବା ମୋର/ଆମର/ଆବେଦକଙ୍କର ମୋଟ ଆୟ (ଆୟକର ଅଧିନିୟମ, 2025ର ଧାରା ୯୯ ଅନୁଯାୟୀ ସ୍ୱାମୀ/ସ୍ତ୍ରୀ, ନାବାଳକ/ନାବାଳିକା ସନ୍ତାନ ଆଦିଙ୍କର ଆୟ ସମେତ) ଟିକସଯୋଗ୍ୟ ହୋଇ ନ ଥିବା ସର୍ବାଧିକ ପରିମାଣରୁ କମ ହୋଇଥିବ, କିମ୍ବା ଆବେଦକ ଏକ ବୈଦେଶିକ କମ୍ପାନୀ ହୋଇଥିବ, ଯାହା ନିୟମ 15୯ର ଉପନିୟମ (2)ର ପରିସରଭୁକ୍ତ ଏବଂ ତାହାର ଭାରତରେ ଟିକସଯୋଗ୍ୟ କୌଣସି ଆୟ ନଥିବ ।

ତାରିଖ:

ସ୍ଥାନ:

(ଘୋଷଣାକାରୀଙ୍କ ସ୍ୱାକ୍ଷର)

| **ଭାଗ-ଗ: ପରିଚୟ ଓ ଠିକଣା ବିବରଣୀ** | | | | |
|---|---|---|---|---|
| **1.** | ନାମ | | *(ଟିପ୍ପଣୀ 4 ଦେଖନ୍ତୁ)* | |
| **2.** | ଜନ୍ମ/ସମାବେଶନର ତାରିଖ | | *ତାରିଖ/ମାସ/ବର୍ଷ (ଟିପ୍ପଣୀ 5 ଦେଖନ୍ତୁ)* | |
| **3.** | ପିତାଙ୍କ ନାମ | | *(ଟିପ୍ପଣୀ 6 ଦେଖନ୍ତୁ)* | |
| **4.** | ଯଦି ପ୍ୟାନ୍ ପାଇଁ ଆବେଦନ କରାଯାଇଥାଏ କିନ୍ତୁ ତାହା ତିଆରି ହୋଇ ନ ଥାଏ, ତେବେ ନିମ୍ନପ୍ରଦତ୍ତ ଉଭୟ ବିବରଣୀ ଦିଅନ୍ତୁ: *(ଟିପ୍ପଣୀ 7 ଦେଖନ୍ତୁ)* | | | |
| | (i) | ଆବେଦନର ତାରିଖ | *ତାରିଖ/ମାସ/ବର୍ଷ* | |
| | (ii) | ପ୍ରାପ୍ତିସ୍ୱୀକାର ନମ୍ବର | | |
| **5.** | ଆଧାର ନମ୍ବର | | | |
| **6.** | ଆବାସିକ ଠିକଣା | | *(ଟିପ୍ପଣୀ 8 ଦେଖନ୍ତୁ)* | |
| **7.** | କାର୍ଯ୍ୟାଳୟ ଠିକଣା | | *(ଟିପ୍ପଣୀ 8 ଦେଖନ୍ତୁ)* | |
| **8.** | ଯୋଗାଯୋଗ ଠିକଣା *(ଗୋଟିଏ ଚୟନ କରନ୍ତୁ)* | | (i) ଆବାସ<br>(ii) କାର୍ଯ୍ୟାଳୟ | |
| **9.** | ଯୋଗାଯୋଗ ବିବରଣୀ | | | |
| | (i) | ମୋବାଇଲ ନମ୍ବର | ଦେଶ କୋଡ୍<br>*(ଡ୍ରପ୍ ଡାଉନ୍)*<br>*(ଡିଜିଟାଲ ଫର୍ମ ପାଇଁ)* | ନମ୍ବର |
| | (ii) | ଟେଲିଫୋନ ନମ୍ବର | ଦେଶ କୋଡ୍<br>*(ଡ୍ରପ୍ ଡାଉନ୍)*<br>*(ଡିଜିଟାଲ ଫର୍ମ ପାଇଁ)* | ନମ୍ବର |
| | (iii) | ଇମେଲ୍ ଆଇଡି | | |
| **10.** | ଆବାସ ଦେଶରେ ଟିକସଦାତା ପରିଚୟ ନମ୍ବର (ଟିଆଇଏନ୍)<br>(ବୈଦେଶିକ କମ୍ପାନୀ ପାଇଁ) | | | |
| **11.** | ବୈଦେଶିକ କମ୍ପାନୀ ପାଇଁ, ଭାରତରେ ଟିକସଯୋଗ୍ୟ ହୋଇଥିବା ଆୟର ବିବରଣୀ *(ଟିପ୍ପଣୀ ୯ ଦେଖନ୍ତୁ)* | | | |
| | (i) | ଟିକସଯୋଗ୍ୟ ଆୟର ପରିମାଣ (₹ ରେ) | | |
| | (ii) | ଟିକସଯୋଗ୍ୟ ହୋଇନଥିବା ଆୟର ପରିମାଣ (₹ ରେ) | | |

| ଭାଗ-ଘ: ଟ୍ରାଞ୍ଜାକ୍ସନର ବିବରଣୀ | | | |
|---|---|---|---|
| **1.** | ଟ୍ରାଞ୍ଜାକ୍ସନର ତାରିଖ | | *ତାରିଖ/ମାସ/ବର୍ଷ* |
| **2.** | ଟ୍ରାଞ୍ଜାକ୍ସନର ମୋଟ ପରିମାଣ (₹) | | *(ଟିପ୍ପଣୀ 10 ଦେଖନ୍ତୁ)* |
| **3.** | ଉପରେ ଦଫା 2ରେ ଦର୍ଶାଯାଇଥିବା ମୋଟ ପରିମାଣ ମଧ୍ୟରୁ ନଗଦ ଟ୍ରାଞ୍ଜାକ୍ସନର ପରିମାଣ । | | *(ଟିପ୍ପଣୀ 11 ଦେଖନ୍ତୁ)* |
| **4.** | ଟ୍ରାଞ୍ଜାକ୍ସନର ପ୍ରଣାଳୀ | | *(ଟିପ୍ପଣୀ 12 ଦେଖନ୍ତୁ)* |
| **5.** | ଯଦି ଟ୍ରାଞ୍ଜାକ୍ସନ ମିଳିତ ନାମରେ ହୋଇଥାଏ (ଟିପ୍ପଣୀ 9 ଦେଖନ୍ତୁ) | | |
| | (i) | ଟ୍ରାଞ୍ଜାକ୍ସନରେ ଜଡ଼ିତ ହୋଇଥିବା ବ୍ୟକ୍ତିମାନଙ୍କର ସଂଖ୍ୟା | |
| | (ii) | ଘୋଷଣାକାରୀଙ୍କ ଭାଗ (ଶତକଡ଼ାରେ) | |

| ଭାଗ-ଙ: ପ୍ରମାଣ ଭାବେ ଦାଖଲ କରାଯାଇଥିବା ଦସ୍ତାବିଜ | | |
|---|---|---|
| ମୁଁ ପରିଚୟ, ଠିକଣା ଏବଂ ଜନ୍ମ/ସମାବେଶନ ତାରିଖର ପ୍ରମାଣ ପାଇଁ *[ଟିପ୍ପଣୀ 13 ଦେଖନ୍ତୁ]* ଦସ୍ତାବିଜଗୁଡ଼ିକୁ ସଂଲଗ୍ନ କରିଛି | | |
| **1.** | ପରିଚୟର ପ୍ରମାଣ (ପିଓଆଇ) | ☐☐ |
| | ଦସ୍ତାବିଜ ଚିହ୍ନଟୀକରଣ ନମ୍ବର | |
| | ଦସ୍ତାବିଜ ଜାରି କରିଥିବା କର୍ତ୍ତୃପକ୍ଷଙ୍କ ନାମ | *(ଟିପ୍ପଣୀ 4 ଦେଖନ୍ତୁ)* |
| | ଦସ୍ତାବିଜ ଜାରି କରିଥିବା କର୍ତ୍ତୃପକ୍ଷଙ୍କ ଠିକଣା | *(ଟିପ୍ପଣୀ 8 ଦେଖନ୍ତୁ)* |
| **2.** | ଠିକଣାର ପ୍ରମାଣ (ପିଓଏ) | ☐☐ |
| | ଦସ୍ତାବିଜ ଚିହ୍ନଟୀକରଣ ନମ୍ବର | |
| | ଦସ୍ତାବିଜ ଜାରି କରିଥିବା କର୍ତ୍ତୃପକ୍ଷଙ୍କ ନାମ | *(ଟିପ୍ପଣୀ 4 ଦେଖନ୍ତୁ)* |
| | ଦସ୍ତାବିଜ ଜାରି କରିଥିବା କର୍ତ୍ତୃପକ୍ଷଙ୍କ ଠିକଣା | *(ଟିପ୍ପଣୀ 8 ଦେଖନ୍ତୁ)* |
| **3.** | ଜନ୍ମ ତାରିଖ (ଡିଓବି)/ସମାବେଶନ ତାରିଖ (ଡିଓଆଇ)ର ପ୍ରମାଣ | ☐☐ |
| | ଦସ୍ତାବିଜ ଚିହ୍ନଟୀକରଣ ନମ୍ବର | |
| | ଦସ୍ତାବିଜ ଜାରି କରିଥିବା କର୍ତ୍ତୃପକ୍ଷଙ୍କ ନାମ | *(ଟିପ୍ପଣୀ 4 ଦେଖନ୍ତୁ)* |
| | ଦସ୍ତାବିଜ ଜାରି କରିଥିବା କର୍ତ୍ତୃପକ୍ଷଙ୍କ ଠିକଣା | *(ଟିପ୍ପଣୀ 8 ଦେଖନ୍ତୁ)* |

### ଭାଗ-ଚ: ସତ୍ୟାପନ

1. ମୁଁ, _______________, ପିତା/ସ୍ୱାମୀ ଶ୍ରୀ ____________________, ସତ୍ୟନିଷ୍ଠ ଭାବରେ ଘୋଷଣା କରୁଛି ଯେ, ମୋର ଜ୍ଞାନ ଓ ବିଶ୍ୱାସ ଅନୁଯାୟୀ ଏହି ଆବେଦନ ଓ ସଂଲଗ୍ନ ଦସ୍ତାବିଜଗୁଡ଼ିକରେ (ଯଦି ଥାଏ) ଦିଆଯାଇଥିବା ସୂଚନାଗୁଡ଼ିକ ସଠିକ୍ ଓ ସମ୍ପୂର୍ଣ୍ଣ ଅଟେ ଏବଂ ସେଥିରେ ପ୍ରଦର୍ଶିତ ସବିଶେଷ ବିବରଣୀଗୁଡ଼ିକୁ ସତ୍ୟତା ସହକାରେ ଦର୍ଶାଯାଇଛି ।
2. ମୁଁ ଏହା ମଧ୍ୟ ଘୋଷଣା କରୁଛି ଯେ, ମୁଁ ...................ଙ୍କ ପାଇଁ .................. (ସ୍ୱୟଂ/ପ୍ରତିନିଧି/ମୂଲ୍ୟାୟନକାରୀ) ଭାବେ ମୋର କ୍ଷମତାରେ ଏହି ଆବେଦନ କରୁଛି ଏବଂ ଏହି ଆବେଦନ କରିବା ତଥା ତାହାକୁ ସତ୍ୟାପନ କରିବା ପାଇଁ ମୁଁ କ୍ଷମତାପନ୍ନ ଅଟେ ।
3. ମୁଁ ବୁଝୁଛି ଯେ, ଏହି ଘୋଷଣାର କୌଣସି ଅଂଶ ଯଦି ମିଥ୍ୟା ହୋଇଥିବାର ଜଣାପଡ଼େ, ତେବେ ଆୟକର ଅଧିନିୟମ, 2025ର ପ୍ରାସଙ୍ଗିକ ବ୍ୟବସ୍ଥା ଅଧୀନରେ ମୋତେ ଆଇନଗତ ପରିଣତିର ସମ୍ମୁଖୀନ ହେବାକୁ ପଡ଼ିପାରେ ।

ତାରିଖ:

**(ଘୋଷଣାକାରୀଙ୍କ ସ୍ୱାକ୍ଷର)**

ସ୍ଥାନ:

**ନାମ:**

**ପଦବୀ**

## ଟିପ୍ପଣୀ:

1. ଘୋଷଣାନାମାରେ ସ୍ୱାକ୍ଷର କରିବା ପୂର୍ବରୁ ଘୋଷଣାକାରୀ ଏହି କଥାକୁ ନେଇ ନିଜକୁ ସନ୍ତୁଷ୍ଟ କରିନେବା ଆବଶ୍ୟକ ଯେ, ଏହି ଫର୍ମରେ ଦିଆଯାଇଥିବା ସୂଚନାଗୁଡ଼ିକ ସବୁ ଦୃଷ୍ଟିରୁ ସତ୍ୟ, ସଠିକ୍ ଓ ସମ୍ପୂର୍ଣ୍ଣ ଅଟେ । ଘୋଷଣାନାମାରେ ମିଥ୍ୟା ବିବୃତି ଦେଇଥିବା ବ୍ୟକ୍ତି ଆୟକର ଅଧିନିୟମ, 2025ର **ଧାରା 482** ଅଧୀନରେ ଦଣ୍ଡିତ ହେବା ପାଇଁ ଦାୟୀ ରହିବେ ।
2. 'ଭାଗ କ'ରେ ଟ୍ରାଞ୍ଜାକ୍ସନର ପ୍ରକୃତିକୁ ନିମ୍ନଲିଖିତ କୋଡ୍ ଅନୁଯାୟୀ ପୂରଣ କରାଯାଇପାରିବ:

| କ୍ର. ସଂ. | ଟ୍ରାଞ୍ଜାକ୍ସନର ପ୍ରକାର | କୋଡ୍ |
|---|---|---|
| 1 | କୌଣସି ସ୍ଥାବର ସମ୍ପତ୍ତିର କ୍ରୟ କିମ୍ବା ବିକ୍ରୟ କିମ୍ବା ଉପହାର କିମ୍ବା ମିଳିତ ବିକାଶ ରାଜିନାମା | **01** |

| | | |
|---|---|---|
| 2 | ଆକାଉଣ୍ଟ ଖୋଲିବା (ମୌଳିକ ସଞ୍ଚୟ ଏବଂ ସ୍ଥାୟୀ ଜମା ବ୍ୟତୀତ ଅନ୍ୟାନ୍ୟ) | **02** |
| 3 | ସ୍ଥାୟୀ ଜମାରେ ନିବେଶ | **03** |
| 4 | ଜଣେ ବୀମାକର୍ତ୍ତାଙ୍କ ସହ ଆକାଉଣ୍ଟ ଆଧାରିତ ସମ୍ପର୍କ ଆରମ୍ଭ | **04** |
| 5 | ଏକ ହୋଟେଲ କିମ୍ବା ରେଷ୍ଟୋରାଁ କିମ୍ବା କନ୍‌ଭେନ୍ସନ୍ ସେଣ୍ଟର କିମ୍ବା ବାଙ୍କ୍ୱେଟ୍ ହଲ୍ ଅଥବା ଇଭେଣ୍ଟ ମ୍ୟାନେଜମେଣ୍ଟରେ ଜଡ଼ିତ କୌଣସି ବ୍ୟକ୍ତିଙ୍କୁ ଦେୟ ପୈଠ କରିବା | **05** |
| 6 | ଉପରେ ଶ୍ରେଣୀଭୁକ୍ତ ହୋଇ ନ ଥିବା ଯେକୌଣସି ପ୍ରକାର'ର ସାମଗ୍ରୀ ଓ ସେବାର କ୍ରୟ କିମ୍ବା ବିକ୍ରୟ | **06** |

3. ଟେିଯାକ ଟ୍ରାଞ୍ଜାକ୍ସନ ପାଇଁ ଫର୍ମର ଭାଗ 'କ' ରୁ 'ଚ' ପୂରଣ କରାଯିବା ଆବଶ୍ୟକ ।

4. ବ୍ୟକ୍ତିବିଶେଷଙ୍କ ପାଇଁ, ପ୍ରଥମ ନାମ, ମଝି ନାମ ଓ ସାଙ୍ଗିଆକୁ କୌଣସି ସଂକ୍ଷେପ ବିନା ପୂରା ଲେଖାଯିବା ଆବଶ୍ୟକ । ଅନ୍ୟାନ୍ୟ ମାମଲା ପାଇଁ ସଂସ୍ଥାର ନାମକୁ ତାହା ଗଠିତ ହୋଇଥିବା ପ୍ରାସଙ୍ଗିକ ଆଇନ ଅଧୀନରେ ଜାରି ହୋଇଥିବା ପଞ୍ଜୀକରଣ ଦସ୍ତାବିଜରେ ଦର୍ଶାଯାଇଥିବା ଅନୁଯାୟୀ ଦର୍ଶାଯିବା ଆବଶ୍ୟକ ।

5. ବ୍ୟକ୍ତିବିଶେଷଙ୍କ ମାମଲାରେ, ଜନ୍ମ ତାରିଖ ଦିଆଯିବା ଆବଶ୍ୟକ ଏବଂ ଅନ୍ୟାନ୍ୟ ମାମଲାରେ ସଂସ୍ଥାର ସମାବେଶନ ତାରିଖ ଦିଆଯିବା ଆବଶ୍ୟକ ।

6. ବ୍ୟକ୍ତିବିଶେଷଙ୍କ ମାମଲାରେ, ପିତାଙ୍କ ନାମ ଦିଆଯିବା ଆବଶ୍ୟକ ।

7. ଯଦି ଆକଳିତ ମୋଟ ଆୟ ଟିକସଯୋଗ୍ୟ ହୋଇ ନ ଥିବା ସର୍ବାଧିକ ପରିମାଣରୁ ଅଧିକ ହୋଇଥାଏ, ତେବେ ସମ୍ପୃକ୍ତ ବ୍ୟକ୍ତି ପ୍ୟାନ୍ ପାଇଁ ଆବେଦନ କରିବା ଏବଂ ଭାଗ 'ଗ'ରେ ଦଫା 4 ପୂରଣ କରିବା ତଥା ଆବେଦନ ଦାଖଲର ପ୍ରମାଣ ପ୍ରଦାନ କରିବା ଆବଶ୍ୟକ ।

8. ଠିକଣାରେ ନିମ୍ନଲିଖିତ ସମ୍ବଳିତ ହେବା ଆବଶ୍ୟକ: i. ଦେଶ/ଅଞ୍ଚଳ, ii. ଫ୍ଲାଟ୍/ଦ୍ୱାର/ବିଲ୍ଡିଂ, iii. ସଡ଼କ/ଷ୍ଟ୍ରୀଟ୍/ବ୍ଲକ୍/ସେକ୍ଟର, iv. ପିନ୍/ଜିପ୍ କୋଡ୍, v. ପୋଷ୍ଟ ଅଫିସ୍, vi. କ୍ଷେତ୍ର/ଅଞ୍ଚଳ, vii. ଜିଲ୍ଲା, viii. ରାଜ୍ୟ

9. ଭାଗ 'ଗ'ରେ ଦଫା 11(i)ରେ ଟିକସଯୋଗ୍ୟ ଆୟ ଦର୍ଶାଯାଇଥିଲେ ଘୋଷଣାନାମା ଗ୍ରହଣ କରୁଥିବା ବ୍ୟକ୍ତି ଘୋଷଣାନାମାକୁ ଗ୍ରହଣ କରିବେ ନାହିଁ ।

10. ଟ୍ରାଞ୍ଜାକ୍ସନର ମୋଟ ପରିମାଣ ଭାଗ 'ଘ'ର ଦଫା 2ରେ ପୂରଣ କରାଯିବା ଆବଶ୍ୟକ । ଯଦି ଟ୍ରାଞ୍ଜାକ୍ସନ ଏକରୁ ଅଧିକ ବ୍ୟକ୍ତିଙ୍କ ନାମରେ ସଂଘଟିତ ହୋଇଥାଏ, ତେବେ ଟ୍ରାଞ୍ଜାକ୍ସନରେ ଜଡ଼ିତ ସମସ୍ତ ବ୍ୟକ୍ତିଙ୍କର ସଂଖ୍ୟା ଭାଗ 'ଘ'ର ଦଫା 5(i)ରେ ଦର୍ଶାଯିବା ତଥା ଭାଗ 'ଘ'ର ଦଫା 5(ii)ରେ ବ୍ୟକ୍ତିଙ୍କର ଭାଗ ଶତକଡ଼ାରେ ଦର୍ଶାଯିବା ଆବଶ୍ୟକ । ଉଦାହରଣ ସ୍ୱରୂପ - ଧରନ୍ତୁ, 5 ଜଣ ବ୍ୟକ୍ତିଙ୍କ ନାମରେ ₹100/- ମୂଲ୍ୟର ସ୍ଥାବର ସମ୍ପତ୍ତି କ୍ରୟ କରାଯାଇଛି, ଯେଉଁଥିରେ ଘୋଷଣାକାରୀଙ୍କ ଭାଗ ହେଉଛି 10% । ତେବେ, ଘୋଷଣାକାରୀ ଦଫା 3ରେ '100', ଦଫା 5(i)ରେ '5' ଏବଂ ଦଫା 5(ii)ରେ '10' ପୂରଣ କରିବେ ।

11. ଟ୍ରାଞ୍ଜାକ୍ସନରେ ସମ୍ପୃକ୍ତ ନଗଦର ପରିମାଣ, ଯାହାର ମୂଲ୍ୟ ଭାଗ 'ଘ'ର ଦଫା 2ରେ ଦିଆଯାଇଛି, ତାହାକୁ ଭାଗ 'ଘ'ର ଦଫା 3ରେ ପୂରଣ କରାଯିବ ।

12. ଭାଗ 'ଘ'ର ଦଫା 4ରେ ନିମ୍ନଲିଖିତ କୋଡ୍ ଅନୁଯାୟୀ ଟ୍ରାଞ୍ଜାକ୍ସନର ପ୍ରଣାଳୀ ପୂରଣ କରାଯିବା ଆବଶ୍ୟକ:

| **କ୍ର. ସଂ.** | **ଟ୍ରାଞ୍ଜାକ୍ସନର ପ୍ରଣାଳୀ** | **କୋଡ୍** |
|---|---|---|
| 1 | ନଗଦ | **01** |
| 2 | ଚେକ୍ | **02** |
| 3 | କାର୍ଡ | **03** |
| 4 | ଡ୍ରାଫ୍ଟ/ବ୍ୟାଙ୍କର୍ସ ଚେକ୍ | **04** |
| 5 | ଅନ୍‌ଲାଇନ୍ ଟ୍ରାନ୍ସଫର୍ | **05** |
| 6 | ମିଶ୍ରିତ (ନଗଦ ଓ ଅନ୍ୟାନ୍ୟ ପ୍ରଣାଳୀ) | **06** |
| 7 | ୟୁପିଆଇ ଟ୍ରାଞ୍ଜାକ୍ସନ | **07** |
| 8 | ଅନ୍ୟାନ୍ୟ | **08** |

13. ଦସ୍ତାବିଜ ଯେଉଁଗୁଡ଼ିକ ପରିଚୟ, ଠିକଣା ଏବଂ ଜନ୍ମ ତାରିଖ ସପକ୍ଷରେ ଦାଖଲ କରାଯାଇପାରିବ (ଯଦି ପ୍ୟାନ୍ ପାଇଁ ଆବେଦନ କରାଯାଇଥାଏ ଓ ଭାଗ 'ଗ'ର ଦଫା 4 ପୂରଣ କରାଯାଇଥାଏ ତେବେ ଆବଶ୍ୟକ ନୁହେଁ)

| **କ୍ର. ସଂ.** | **ଦସ୍ତାବିଜର ପ୍ରକୃତି** | **ଦସ୍ତାବିଜ କୋଡ୍** | **ପରିଚୟର ପ୍ରମାଣ** | **ଠିକଣାର ପ୍ରମାଣ** | **ଜନ୍ମ/ସମାବେଶନ* ତାରିଖ** |
|---|---|---|---|---|---|
| **କ. ବ୍ୟକ୍ତିବିଶେଷ ଏବଂ ହିନ୍ଦୁ ଅବିଭାଜିତ ପରିବାର ପାଇଁ** | | | | | |
| 1. | ଆଧାର କାର୍ଡ | **01** | ହଁ | ହଁ | ନା |

| | | | | | |
|---|---|---|---|---|---|
| 2. | ବ୍ୟାଙ୍କ/ପୋଷ୍ଟ ଅଫିସ୍ ପାସ୍‌ବୁକ୍ ଯେଉଁଥିରେ ବ୍ୟକ୍ତିଙ୍କର ଫଟୋଚିତ୍ର ଥିବ | 02 | ହଁ | ହଁ | ନା |
| 3. | ମତଦାତା ଫଟୋ ପରିଚୟପତ୍ର | 03 | ହଁ | ହଁ | ହଁ |
| 4. | ରାସନ କାର୍ଡ/ଜନ ବିତରଣ ପ୍ରଣାଳୀ କାର୍ଡ ଯେଉଁଥିରେ ବ୍ୟକ୍ତିଙ୍କର ଫଟୋଚିତ୍ର ଥିବ | 04 | ହଁ | ହଁ | ନା |
| 5. | ଡ୍ରାଇଭିଂ ଲାଇସେନ୍ସ | 05 | ହଁ | ହଁ | ହଁ |
| 6. | ପାସ୍‌ପୋର୍ଟ | 06 | ହଁ | ହଁ | ହଁ |
| 7. | ପେନ୍‌ସନଭୋଗୀଙ୍କ ଫଟୋ କାର୍ଡ | 07 | ହଁ | ହଁ | ନା |
| 8. | ରାଷ୍ଟ୍ରୀୟ ଗ୍ରାମୀଣ କର୍ମନିଯୁକ୍ତି ଗ୍ୟାରେଣ୍ଟି ଯୋଜନା (ଏନ୍‌ଆରଇଜିଏସ୍) ଜବ୍ କାର୍ଡ | 08 | ହଁ | ହଁ | ନା |
| 9. | ବ୍ୟକ୍ତିଙ୍କର ଫଟୋଚିତ୍ର ଥିବା ଜାତି ପ୍ରମାଣପତ୍ର | 09 | ହଁ | ହଁ | ନା |
| 10. | ଫର୍ମ ୦୨୩ରେ ନିର୍ଦ୍ଧାରିତ ପରିଶିଷ୍ଟ 'କ' ଅନୁଯାୟୀ ଜଣେ ସାଂସଦ କିମ୍ବା ବିଧାୟକ କିମ୍ବା ପୌର କାଉନସିଲର୍ କିମ୍ବା ଗେଜେଟେଡ୍ ଅଧିକାରୀଙ୍କ ଦ୍ୱାରା ସ୍ୱାକ୍ଷରିତ ପରିଚୟ/ଠିକଣାର ପ୍ରମାଣପତ୍ର | 10 | ହଁ | ହଁ | ନା |
| 11. | ନିଯୋକ୍ତାଙ୍କ ଦ୍ୱାରା ପ୍ରଦତ୍ତ ପ୍ରମାଣପତ୍ର | 11 | ହଁ | ହଁ | ନା |
| 12. | ଫଟୋଚିତ୍ର ଥିବା କିଷାନ ପାସ୍‌ବୁକ୍ | 12 | ହଁ | ନା | ନା |
| 13. | ଅସ୍ତ୍ର ଲାଇସେନ୍ସ | 13 | ହଁ | ନା | ନା |
| 14. | କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ଯୋଜନା/ପୂର୍ବତନ ସୈନିକ ଅଂଶଦେୟ ସ୍ୱାସ୍ଥ୍ୟ ଯୋଜନା କାର୍ଡ | 14 | ହଁ | ନା | ହଁ |
| 15. | ସରକାର/ସର୍ବସାଧାରଣ କ୍ଷେତ୍ରୀୟ ଉଦ୍ୟୋଗ ଦ୍ୱାରା ଜାରି ଫଟୋ ପରିଚୟପତ୍ର | 15 | ହଁ | ନା | ହଁ |
| 16. | ବିଜୁଳି ବିଲ୍ (୩ ମାସରୁ ଅଧିକ ପୁରୁଣା ହୋଇନଥିବା ଆବଶ୍ୟକ) | 16 | ନା | ହଁ | ନା |
| 17. | ଲ୍ୟାଣ୍ଡଲାଇନ୍ ଟେଲିଫୋନ୍ ବିଲ୍ (୩ ମାସରୁ ଅଧିକ ପୁରୁଣା ହୋଇନଥିବା ଆବଶ୍ୟକ) | 17 | ନା | ହଁ | ନା |
| 18. | ପାଣି ବିଲ୍ (୩ ମାସରୁ ଅଧିକ ପୁରୁଣା ହୋଇନଥିବା ଆବଶ୍ୟକ) | 18 | ନା | ହଁ | ନା |
| 19. | ଉପଭୋକ୍ତା ଗ୍ୟାସ୍ କାର୍ଡ/ବହି କିମ୍ବା ପାଇପ୍ଡ ଗ୍ୟାସ୍ ବିଲ୍ (୩ ମାସରୁ ଅଧିକ ପୁରୁଣା ହୋଇନଥିବା ଆବଶ୍ୟକ) | 19 | ନା | ହଁ | ନା |
| 20. | ବ୍ୟାଙ୍କ ଆକାଉଣ୍ଟ ଷ୍ଟେଟମେଣ୍ଟ (୩ ମାସରୁ ଅଧିକ ପୁରୁଣା ହୋଇନଥିବା ଆବଶ୍ୟକ) | 20 | ନା | ହଁ | ନା |
| 21. | କ୍ରେଡିଟ୍ କାର୍ଡ ଷ୍ଟେଟମେଣ୍ଟ (୩ ମାସରୁ ଅଧିକ ପୁରୁଣା ହୋଇନଥିବା ଆବଶ୍ୟକ) | 21 | ନା | ହଁ | ନା |
| 22. | ଡିପୋଜିଟରୀ ଆକାଉଣ୍ଟ ଷ୍ଟେଟମେଣ୍ଟ (୩ ମାସରୁ ଅଧିକ ପୁରୁଣା ହୋଇନଥିବା ଆବଶ୍ୟକ) | 22 | ନା | ହଁ | ନା |
| 23. | ସମ୍ପତ୍ତି ପଞ୍ଜୀକରଣ ଦସ୍ତାବିଜ | 23 | ନା | ହଁ | ନା |
| 24. | ସରକାରୀ ନିବାସ ଆବଣ୍ଟନ ପତ୍ର | 24 | ନା | ହଁ | ନା |
| 25. | ସ୍ୱାମୀ/ସ୍ତ୍ରୀଙ୍କର ପାସ୍‌ପୋର୍ଟ, ଯେଉଁଥିରେ ବ୍ୟକ୍ତିଙ୍କର ନାମ ରହିଥିବ | 25 | ନା | ହଁ | ନା |
| 26. | ସମ୍ପତ୍ତି ଖଜଣା ପୈଠ ରସିଦ୍ (ଏକବର୍ଷରୁ ଅଧିକ ପୁରୁଣା ହୋଇନଥିବା ଆବଶ୍ୟକ) | 26 | ନା | ହଁ | ନା |
| 27. | ବ୍ୟକ୍ତିଙ୍କର ଫଟୋଚିତ୍ର ରହିଥିବା ବାସସ୍ଥାନ ପ୍ରମାଣପତ୍ର | 27 | ହଁ | ହଁ | ହଁ |
| 28. | ନାଗରିକ ଅଧିନିୟମ, 1955 (1955ର 57)ର ଧାରା 2ର ଉପ-ଧାରା (1)ର ଦଫା (ଘ)ରେ ପରିଭାଷିତ ହୋଇଥିବା ଅନୁଯାୟୀ ପୌର କର୍ତ୍ତୃପକ୍ଷ କିମ୍ବା ଜନ୍ମ ଓ ମୃତ୍ୟୁ ନିବନ୍ଧକଙ୍କ ଦ୍ୱାରା ଜନ୍ମ ଓ ମୃତ୍ୟୁ ପ୍ରମାଣପତ୍ର ଜାରି କରିବା ପାଇଁ ଅଧିକୃତ କୌଣସି କାର୍ଯ୍ୟାଳୟ ଅଥବା ଭାରତୀୟ ଦୂତାବାସ ଦ୍ୱାରା ଜାରି ଜନ୍ମ ପ୍ରମାଣପତ୍ର | 28 | ନା | ନା | ହଁ |
| 29. | ପେନ୍‌ସନ ପରିଶୋଧ ପେମେଣ୍ଟ ଆଦେଶ | 29 | ନା | ନା | ହଁ |
| 30. | ବିବାହ ନିବନ୍ଧକଙ୍କ ଦ୍ୱାରା ଜାରି ବିବାହ ପ୍ରମାଣପତ୍ର | 30 | ନା | ନା | ହଁ |
| 31. | ଏକ ସ୍ୱୀକୃତିପ୍ରାପ୍ତ ବୋର୍ଡର ମାଟ୍ରିକୁଲେଶନ ପ୍ରମାଣପତ୍ର କିମ୍ବା ମାର୍କଶିଟ୍ | 31 | ନା | ନା | ହଁ |
| **ଖ. ବ୍ୟକ୍ତିମାନଙ୍କର ସଂଘ (ନ୍ୟାସ) ପାଇଁ** | | | | | |

| | | | | | |
|---|---|---|---|---|---|
| | ନ୍ୟାସ ଦଲିଲର ନକଲ କିମ୍ବା ଚ୍ୟାରିଟି କମିଶନରଙ୍କ ଦ୍ୱାରା ଜାରି ପଞ୍ଜୀକରଣ ପ୍ରମାଣପତ୍ରର ନକଲ | **32** | ହଁ | ହଁ | ହଁ |
| **ଗ.** | **ବ୍ୟକ୍ତିମାନଙ୍କ ସଂଘ (ନ୍ୟାସ ବ୍ୟତୀତ ଅନ୍ୟାନ୍ୟ) କିମ୍ବା ବ୍ୟକ୍ତିମାନଙ୍କ ନିକାୟ କିମ୍ବା ସ୍ଥାନୀୟ କର୍ତ୍ତୃପକ୍ଷ କିମ୍ବା କୃତ୍ରିମ ଆଇନଗତ ବ୍ୟକ୍ତିଙ୍କ ପାଇଁ** | | | | |
| | ରାଜିନାମାର ନକଲ କିମ୍ବା ଚ୍ୟାରିଟି କମିଶନର କିମ୍ବା ସମବାୟ ସମିତି ନିବନ୍ଧକ କିମ୍ବା ଅନ୍ୟ କୌଣସି କ୍ଷମତାପନ୍ନ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି ପଞ୍ଜୀକରଣ ପ୍ରମାଣପତ୍ରର ନକଲ କିମ୍ବା କୌଣସି କେନ୍ଦ୍ରୀୟ କିମ୍ବା ରାଜ୍ୟ ସରକାରୀ ବିଭାଗ ଦ୍ୱାରା ଏପରି ବ୍ୟକ୍ତିଙ୍କ ପରିଚୟ, ଠିକଣା ଏବଂ ସମାବେଶନ ତାରିଖକୁ ପ୍ରମାଣସିଦ୍ଧ କରୁଥିବା ଅନ୍ୟ କୌଣସି ଦସ୍ତାବିଜ । | **33** | ହଁ | ହଁ | ହଁ |
| **ଘ. ବୈଦେଶିକ କମ୍ପାନୀ ପାଇଁ** | | | | | |
| 1. | ଆବେଦନକାରୀ ଯେଉଁଠି ଅବସ୍ଥିତ ସେହି ଦେଶରେ ପଞ୍ଜୀକରଣ କିମ୍ବା ସମାବେଶନ ପ୍ରମାଣପତ୍ରର ନକଲ, ଯାହା ଆଇଏଫ୍ଏସ୍ସି ବ୍ୟାଙ୍କିଙ୍ଗ୍ ୟୁନିଟ୍ର ପ୍ରାଧିକୃତ ଅଧିକାରୀଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଅନୁପ୍ରମାଣିତ (ଆଟେଷ୍ଟ) ହୋଇଥିବ । | **34** | ହଁ | ହଁ | ହଁ |
| 2. | ଆବେଦନକାରୀ ଯେଉଁଠି ଅବସ୍ଥିତ ସେହି ଦେଶରେ ଜାରି ହୋଇଥିବା ଟିକସ ଚିହ୍ନଟୀକରଣ ନମ୍ବରର ନକଲ, ଯାହା ଆଇଏଫ୍ଏସ୍ସି ବ୍ୟାଙ୍କିଙ୍ଗ୍ ୟୁନିଟ୍ର ପ୍ରାଧିକୃତ ଅଧିକାରୀଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଅନୁପ୍ରମାଣିତ (ଆଟେଷ୍ଟ) ହୋଇଥିବ । | **35** | ହଁ | ହଁ (ଯଦି ସେଥିରେ ଠିକଣା ଦର୍ଶାଯାଇଥାଏ) | ହଁ |

*ଘୋଷଣାକାରୀଙ୍କ ନାମ, ଜନ୍ମ/ସମାବେଶନର ତାରିଖ, ମାସ ଓ ବର୍ଷ ଦର୍ଶାଯାଇଥିଲେ ହିଁ ଦସ୍ତାବିଜକୁ ଗ୍ରହଣ କରାଯିବ ।

(i) ନାବାଳକ/ନାବାଳିକାଙ୍କ ନାମରେ ଟ୍ରାଞ୍ଜାକ୍ସନର ମାମଲାରେ, ସମ୍ପୃକ୍ତ ନାବାଳକ/ନାବାଳିକାଙ୍କ ମାତା/ପିତା/ଯେକୌଣସି ଅଭିଭାବକଙ୍କ ଉପରଦର୍ଶିତ ଯେକୌଣସି ପରିଚୟ ଓ ଠିକଣା ଦସ୍ତାବିଜକୁ ନାବାଳକ/ନାବାଳିକା ଘୋଷଣାକାରୀଙ୍କ ପରିଚୟ ଓ ଠିକଣାର ପ୍ରମାଣ ଭାବେ ବିବେଚନା କରାଯିବ ଏବଂ ଘୋଷଣାନାମାକୁ ମାତା/ପିତା/ଅଭିଭାବକଙ୍କ ଦ୍ୱାରା ସ୍ୱାକ୍ଷର କରାଯିବ ।

(ii) ଏଚ୍ୟୁଏଫ୍ ପାଇଁ ଏଚ୍ୟୁଏଫ୍ର କର୍ତ୍ତାଙ୍କ ନାମରେ ଥିବା ଯେକୌଣସି ଦସ୍ତାବିଜ ଆବଶ୍ୟକ ହେବ ।

(iii) ସରକାରଙ୍କ ମାମଲାରେ, ଏକମାତ୍ର ଆବଶ୍ୟକ ଦସ୍ତାବିଜ ହେଉଛି ବିଭାଗ ମୁଖ୍ୟ/ପେ' ଆଣ୍ଡ ଆକାଉଣ୍ଟ୍ସ ଅଫିସର/ଜୋନାଲ ଆକାଉଣ୍ଟ୍ସ ଅଫିସର/ଜିଲ୍ଲା ଟ୍ରେଜରୀ ଅଫିସର/ଚେକ୍ ଡ୍ରଇଂ ଆଣ୍ଡ ଡିସ୍ବର୍ସିଂ ଅଫିସରଙ୍କ ଦ୍ୱାରା ପ୍ରଦତ୍ତ ପ୍ରମାଣପତ୍ର ।